# ସମାଜ

## ତାରିଖ: ୧୬.୦୯.୨୦୨୩

# ବିଆଇଆଇଟିଏମ୍‌ରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



କଟକ, ୧୫।୯ : ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେସନ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍‌ର ସମ୍ମିଳନୀ କକ୍ଷରେ ଗତ ୧୪ ତାରିଖରେ ନବାଗତ ଏମ୍.ବି.ଏ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସ୍ୱାଗତ କରାଯାଇଥିଲା । ଉତ୍ସବକୁ ଉଦ୍‌ଘାଟନ କରି ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡା. ମିହିର ରଞ୍ଜନ ନାୟକ ନୂତନ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ଶୈକ୍ଷିକ ବାତାବରଣ, ଶୃଙ୍ଖଳା ଏବଂ ଶିକ୍ଷାଦାନ ବିଷୟରେ ସୂଚନା ଦେବା ସହ ଭବିଷ୍ୟତରେ ସୁନାଗରିକ ହେବା ପାଇଁ ଶପଥ ପାଠ କରାଇଥିଲେ । ମୁଖ୍ୟ ବକ୍ତା ଶ୍ରୀ ପାର୍ଥ ସାରଥି ମିଶ୍ର, ଅମନ୍ୟା ବୋର୍ଡ ସଦସ୍ୟ, ଆମେରିକା ଶିକ୍ଷା ଦ୍ୱାରା ଜୀବନର ସଫଳତା ମାର୍ଗ ବିଷୟରେ ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ମିନକେତନ ନାୟକ, ନିର୍ଦ୍ଦେଶକ ଟାଟା ଷ୍ଟିଲ୍ ମଧ୍ୟ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ପ୍ଲେସ୍‌ମେଣ୍ଟ ହେଡ୍ ଶ୍ରୀ କେ. ଚନ୍ଦ୍ରଶେଖର ପ୍ରେରଣାଦାୟକ ଜ୍ଞାନ ଉପରେ ଆଲୋକପାତ କରିଥିଲେ । ଏହା ସହ ଶ୍ରୀ ପରବେଶ ଅହମ୍ମଦ ଖାନ ଏବଂ ଶ୍ରୀମତୀ ଶୋଭା ଜେନାଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଙ୍କର ଅଭିଭାବକ ବି.ଆଇ.ଆଇ.ଟି.ଏମ୍‌ର ଅଭିଜ୍ଞତା ଉପସ୍ଥାପନ କରିଥିଲେ । ଅନୁଷ୍ଠାନର ଡ. ପ୍ରଜ୍ଞା ମହାପାତ୍ର ଓ ଶ୍ରୀମତୀ ଶର୍ମିଳା ପଟ୍ଟନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।